## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝର

### ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝରଙ୍କ ଅଧିନରେ ୨୯ଗୋଟି ପରିଚାରକ / ପରିଚାରିକା (Attendant) ପଦବୀ ଚୁକ୍ତିଭିତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ତଦନୁଯାୟୀ ଖାଲିଥିବା ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ଭିତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା

| ଖାଲିଥିବା ପଦବୀ ସଂଖ୍ୟା | | | | |
|---|---|---|---|---|
| କ୍ରମିକ ସଂଖ୍ୟା | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
| ୧ | ଅନୁସୂଚିତଜନଜାତି (ST) | ୩ | ୨ | ୫ |
| ୨ | ଅନୁସୂଚିତ ଜାତି (SC) | ୩ | ୨ | ୫ |
| ୩. | ଅଣସଂରକ୍ଷିତ (UR) | ୧୩ | ୦୬ | ୧୯ |
| ୪. | ମୋଟ | ୧୯ | ୧୦ | ୨୯ |

ଏହା ମଧ୍ୟରୁ ୪% ଭିନ୍ନକ୍ଷମ ପ୍ରାର୍ଥୀ, ୩% ଅବସର ପ୍ରାପ୍ତ ସେନା କର୍ମଚାରୀ ଓ ୧% ମାନ୍ୟତା ପ୍ରାପ୍ତ ଖେଳାଳୀଙ୍କୁ ନିଜସ୍ଵ ବର୍ଗ ପାଇଁ ସଂରକ୍ଷିତ ପଦବୀ ମଧ୍ୟରେ ସ୍ଥାନ ଦିଆଯିବ ।

ପ୍ରକାଶ ଥାଉକି, କୌଣସି ବର୍ଗର ମହିଳା ପ୍ରାର୍ଥୀ ନ ମିଳିଲେ ସେହି ବର୍ଗର ପୁରୁଷ ପ୍ରାର୍ଥୀଙ୍କ ଦ୍ଵାରା ଉକ୍ତ ପଦବୀକୁ ପୂରଣ କରାଯିବ । ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ କେନ୍ଦୁଝର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିପାରିବେ । ଚୁକ୍ତି ଭିତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ଆବଶ୍ୟକୀୟ ଯୋଗ୍ୟତା :-**

୧. କ) ପ୍ରାର୍ଥୀ/ ପ୍ରାର୍ଥିନୀ ଓଡିଶା ସରକାରଙ୍କର ସ୍ଵୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ / ବିଦ୍ୟାଳୟରୁ ମଧ୍ୟ ଇଂରାଜୀ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

ଖ) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ୩ବର୍ଷର କୃତ୍ରିମ ପ୍ରଜନନ ( ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ ) (NPCBB) କ୍ଷେତ୍ରରେ କର୍ମକୁଶଳତାର ଅଭିଜ୍ଞତା ଥିବା ଆବଶ୍ୟକ । ପ୍ରକାଶ ଥାଉକି, ଉକ୍ତ ଯୋଗ୍ୟତା ଏବଂ ଅଭିଜ୍ଞତା ଥିବା ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥିନୀମାନେ ଏହି ନିଯୁକ୍ତି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ।

୨. ପ୍ରାର୍ଥୀ/ ପ୍ରାର୍ଥିନୀ ଓଡିଆ ଭାଷାରେ କହିବା ଓ ଲେଖିବାର ସମର୍ଥ ଥିବେ ।

୩. ପ୍ରାର୍ଥୀ/ ପ୍ରାର୍ଥିନୀ ଉତମ ନୈତିକ ଚରିତ୍ରବାନ ହୋଇଥିବେ ।

୪. ପ୍ରାର୍ଥି / ପ୍ରାର୍ଥିନୀ ଭାରତର ନାଗରିକ ଏବଂ କେନ୍ଦୁଝର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୫. ପ୍ରାର୍ଥୀ/ ପ୍ରାର୍ଥିନୀ ବିବାହିତ ହୋଇଥିଲେ ତାଙ୍କର ଏକରୁ ଅଧିକ ସ୍ଵାମୀ/ ସ୍ତ୍ରୀ ନଥିବ ।

୬. ପ୍ରାର୍ଥୀ/ ପ୍ରାର୍ଥିନୀଙ୍କର ବୟସ ତା୦୧.୦୧.୨୦୧୮ ସୁଦ୍ଧା ୧୮ରୁ ୩୨ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ଅନୁସୂଚିତ ଜାତି (SC) ଏବଂ ଅନୁସୂଚିତ ଜନଜାତି (ST) , ପ୍ରାର୍ଥୀ/ପ୍ରାର୍ଥିନୀଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ଅଧିକ ୫ବର୍ଷ କୋହଳ କରାଯିବ । ବ୍ୟବସ୍ଥା ଅନୁଯାୟୀ ଯେଉଁ ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଆବଶ୍ୟକୀୟ ଯୋଗ୍ୟତା, ଅଭିଜ୍ଞତା ଥିବ ସେମାନଙ୍କ ନିମନ୍ତେ ସର୍ବୋଚ୍ଚ ବୟସ ସୀମା ତା୦୧.୦୧.୨୦୧୮ ସୁଦ୍ଧା ୪୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୭. ପ୍ରାର୍ଥୀ/ ପ୍ରାର୍ଥିନୀ ସେମାନଙ୍କ ନାମ ଆବେଦନ କରିଥିବା ଜିଲ୍ଲାର କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବେ ।

**ଶାରୀରିକ ଦକ୍ଷତା**

୧. ପ୍ରାର୍ଥୀ/ ପ୍ରାର୍ଥିନୀ ମାନେ ଉତମ ମାନସିକ ଓ ଶାରୀରିକ ସ୍ଵାସ୍ଥ୍ୟ ସମ୍ପନ୍ନ ହୋଇଥବା ସହ ତାଙ୍କର କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କଲାଭଳି ଶାରୀରିକ ତ୍ରୁଟି ନଥିବ । ପ୍ରାର୍ଥି/ ପ୍ରାର୍ଥିନୀଙ୍କ ସର୍ବ ନିମ୍ନ ଉଚ୍ଚତା ୫ଫୁଟ ଏବଂ ଛାତି ଅଣ ସମ୍ପ୍ରସାରିତ୩୦ଇଂଚ ( କେବଳ ପୁରୁଷ କ୍ଷେତ୍ରରେ) ରହିବା ସଙ୍ଗେ ସଙ୍ଗେ ସେମାନଙ୍କର କୌଣସି ଶାରୀରିକ ତ୍ରୁଟି କିମ୍ବା ମାନସିକ ଅକ୍ଷମତା ନଥିବ ।

୨. ପ୍ରାର୍ଥୀ/ ପ୍ରାର୍ଥିନୀ ମଧ୍ୟ ସାଇକେଲ ଚଳାଇବା ଜାଣିଥିବା ଆବଶ୍ୟକ।

ଚୟନ ପ୍ରକ୍ରିୟା

୧. ଚୟନ ପ୍ରଣାଳୀରେ ମୋଟ ୧୦୦ନମ୍ବର ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବାଧିକ ୫୦ନମ୍ବର କୃତ୍ରିମ ପ୍ରଜନନ ଅଭିଜ୍ଞତା ନିମନ୍ତେ ପ୍ରଦାନ କରାଯିବ । ଯାହା ମଧ୍ୟରୁ ଜାତୀୟ ଗୋ ମହିଷାଧି ପ୍ରଜନନ ପ୍ରକଳ୍ପ (NPCBB) ଅଧିନରେ କୃତ୍ରିମ ପ୍ରଜନନ କ୍ଷେତ୍ରରେ କାର୍ଯ୍ୟ କରିବାର ପ୍ରଥମ ଅବିଛିନ୍ନ ତିନିବର୍ଷର ଅଭିଜ୍ଞତା ପାଇଁ ୩୦ନମ୍ବର ଏବଂ ଏହି ୩ବର୍ଷ ପରବର୍ତୀ ପ୍ରତି ଏକ ବର୍ଷର ଅଭିଜ୍ଞତା ପାଇଁ ୫ନମ୍ବର ହିସାବରେ ( ସର୍ବାଧିକ ସୀମା ୫୦) ଆକଳନ କରାଯିବ । ଅବଶିଷ୍ଟ ୫୦ ନମ୍ବର ପାଇଁ ଓଡିଆ ଭାଷାରେ ଲିଖିତ ପରୀକ୍ଷା କରାଯିବ । ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନୋକ୍ତ ଫର୍ମରେ ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟଦିବସରେ ଦାଖଲ କରିବେ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ତା୧୮.୦୧.୨୦୧୯ ଅଟେ । ଉକ୍ତ ସମୟସୀମାପରେ ପହଂଚିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ପ୍ରାର୍ଥୀ/ପ୍ରାର୍ଥିନୀ ବ୍ୟକ୍ତିଗତ ଭାବେ, କିମ୍ବା ଡାକ ମାଧ୍ୟମରେ ଦରଖାସ୍ତ କରିପାରିବେ । ଲଫାଫା ଉପରେ **'ଚୁକ୍ତି ଭିତିକ ପରିଚାରକ / ପରିଚାରିକା ନିମନ୍ତେ ଦରଖାସ୍ତ'** ଲେଖାଯିବା ଆବଶ୍ୟକ । ପ୍ରକାଶ ଥାଉକି ଯେ କୌଣସି ସମୟରେ' କୌଣସି କାରଣ ନଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଅଛି । ନିଯୁକ୍ତି ସଂକ୍ରାନ୍ତରେ ଜିଲ୍ଲା ଚୟନ କମିଟିର ସମସ୍ତ ନିଷ୍ପତି ଚୂଡାନ୍ତ ଅଟେ ।

## ଦରଖାସ୍ତ ଫର୍ମ

**(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)**

ଏଠାରେ ଫୋଟ
ସଂଲଗ୍ନ କରାଯିବ

୧. ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନାମ :

୨. ପିତା /ସ୍ୱାମୀଙ୍କ ନାମ :

୩. ସ୍ଥାୟୀ ଠିକଣା : ଗ୍ରାମ - ପୋଷ୍ଟ -
ଭାୟା - ଜିଲ୍ଲା- ପିନ୍ -

୪. ଯୋଗାଯୋଗ ଠିକଣା : ଗ୍ରାମ - ପୋଷ୍ଟ -
ଭାୟା - ଜିଲ୍ଲା- ପିନ୍ -

୫. ମୋବାଇଲ ନମ୍ବର :

୬. ଜାତୀୟତା :

୭. ଜନ୍ମ ତାରିଖ :

୮. ଶିକ୍ଷାଗତ ଯୋଗ୍ୟତା :

୯. ଉଚ୍ଚତା : ଛାତି ଅଣସମ୍ପ୍ରସାରିତ :-

୧୦. ଜାତି ( ) :

୧୧. ବିବାହିତ / ଅବିବାହିତ :

୧୨. ପୁରୁଷ / ମହିଳା :

୧୩. କର୍ମ ନିଯୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବା କ୍ରମିକ ନମ୍ବର ଓ ତାରିଖ :

ମୁଁ ଏତଦ୍ୱାରା ଘୋଷଣା କରୁଅଛିଯେ ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ତାରିଖ

ଆବେଦନକାରୀଙ୍କ ସ୍ୱାକ୍ଷର

ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ଆବଶ୍ୟକୀୟ ପ୍ରମାଣପତ୍ରର ସ୍ୱ ପ୍ରମାଣିତ ନକଲ (Self Attested Copies)

୧. ନିଜର ଦୁଇଗୋଟି ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ ତନ୍ମଧ୍ୟରୁ ଏକଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରିବା ଆବଶ୍ୟକ, ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର

୩. ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କଠାରୁ ଚରିତ୍ର ପ୍ରମାଣପତ୍ର

୪. ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର

୫. କର୍ମନିୟୋଜନ ସଂସ୍ଥାର ପଞ୍ଜୀକୃତ କାର୍ଡ ।

୬. ଜାତିଗତ ପ୍ରମାଣପତ୍ର (SC/ST /SEBC)

୭. ଦୁଇଗୋଟି ଚରିତ୍ର ପ୍ରମାଣପତ୍ର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେକି ପ୍ରାର୍ଥୀ /ପ୍ରାର୍ଥୀନୀଙ୍କ ସମ୍ପର୍କୀୟ ହୋଇନଥିବେ ।

୮. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସ୍ଥଳେ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଠାରୁ କୃତ୍ରିମ ପ୍ରଜନନ' ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ (ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ ) (NPCBB) ତିନି ବର୍ଷ ଓ ତଦାଧିକ ସନ୍ତୋଷଜନକ କାର୍ଯ୍ୟକୁଶଳତାର ଅନୁଭୂତି ପ୍ରମାଣ ପତ୍ର ।

ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ – ତା୧୮.୦୧.୨୦୧୯

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଂଚିଲେ ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ/ପ୍ରାର୍ଥିନୀ ଡାକଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଂଚିଲେ କର୍ତ୍ତୃପକ୍ଷ କୌଣସି ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ, ଆବଶ୍ୟକୀୟ ପ୍ରମାଣପତ୍ର (Self Attested Copies)ନଥିବା ଦରଖାସ୍ତ ଗୁଡିକ ନାକଚ କରାଯିବ ।

ସ୍ୱା ୦୪ ୦୧ ୨୦୧୯ (signature)

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝର